# NATIONAL NEWS BULLETIN (ODIA)

**26 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ୭୬ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କଲେ ରାଷ୍ଟ୍ରପତି

- ପ୍ରୟାଗରାଜ ମହାକୁମ୍ଭର ୧୪ତମ ଦିବସରେ ନମୋ ଆପ୍ ପ୍ରଦର୍ଶିତ

- ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ୭୬ତମ ସାଧାରଣତନ୍ତ୍ର ଦିବସରେ ପରେଡ୍ ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ

- ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୩୯ ଜଣ ପଦ୍ମ ପୁରସ୍କାର ପାଇଁ ମନୋନୀତ ।

– ଓଡ଼ିଶାର ୪ ଜଣ ପାଇବେ ପଦ୍ମଶ୍ରୀ ସମ୍ମାନ

ଏବଂ

- ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟରେ ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଛି ମୁକାବିଲା

# ରିପବ୍ଲିକ୍ ଡେ

ଦେଶ ଆଜି ୭୬ତମ ସାଧାରଣତନ୍ତ୍ର ପାଳନ କରିଛି । ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁଦ୍ଧ ସ୍ମାରକୀ ପରିଦର୍ଶନ କରି ଅମର ସହିଦ୍ ଯବାନମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ସମାରୋହ ଆରମ୍ଭ ହୋଇଥିଲା। ପରେଡ୍‌ରେ ୧୦୫ ଏମ୍‌ଏମ୍ ଲାଇଟ୍ ଫିଲ୍ଡ ଗନ୍‌ରେ ୨୧ ତୋପ ସଲାମୀ ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ତଥା ଜନଭାଗିଦାରୀତାର ନିଦର୍ଶନ ସ୍ୱରୂପ ସ୍ଥଳସେନା, ବାୟୁସେନା, ନୌସେନା, ଅର୍ଦ୍ଧ ସାମରିକ ବାହିନୀ, ଏନ୍.ସି.ସି. ଏବଂ ଏନ୍.ଏସ୍.ଏସ୍. ତଥା ବିଭିନ୍ନ ବର୍ଗର ସାମରିକ, ପୁଲିସ୍ ବାହିନୀ ସମ୍ମିଳିତ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ଭାରତର ସାଂସ୍କୃତିକ ବିବିଧତା ଏବଂ ସାମରିକ ଶକ୍ତି କର୍ତ୍ତବ୍ୟପଥରେ ପ୍ରଦର୍ଶନ କରାଯାଇଥିଲା । ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାନ୍ତୋ ଚଳିତ ଜନରାଜ୍ୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇଣ୍ଡୋନେସିଆର ୧୬୦ ଜଣ ସେନା କର୍ମୀ ତଥା ୧୯୦ ଜଣ ବ୍ୟାଣ୍ଡ କଣ୍ଟିଜେଣ୍ଟ୍ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଓ ବିଭାଗର ୩୧ଟି ପ୍ରଜ୍ଞାପନମେଢ଼ ଆଜି ପ୍ରଦର୍ଶନ କରାଯାଇଥିଲା । 'ସ୍ୱର୍ଣ୍ଣିମ ଭାରତ, ବିରାସତ୍ ଔର୍ ବିକାଶ' ଶୀର୍ଷକରେ ଏହି ପ୍ରଜ୍ଞାପନ ମେଢ଼ ଗୁଡ଼ିକ

ପ୍ରସ୍ତୁତ ହୋଇଥିଲା। ୪୭ଟି ବିମାନ ଦ୍ୱାରା ଫ୍ଲାଇପୋଷ୍ଟ କାର୍ଯ୍ୟକ୍ରମ ସହ ଏହି ସମାରୋହ ସମାପନ ହୋଇଛି। ଦେଶ ଓ ସମାଜ ଗଠନରେ ପ୍ରମୁଖ ଅବଦାନ ରଖିଥିବା ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଏହି ସମାରୋହରେ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା । ଦେଶର ବିଭିନ୍ନ ରାଜ୍ୟରୁ ସରପଞ୍ଚ, ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଆଶା ଓ ଅଙ୍ଗନବାଡ଼ି କର୍ମୀ, ସଡ଼କ ନିର୍ମାଣ କର୍ମୀ ଆଦି ୩୪ଟି ବର୍ଗର ୧୦ ହଜାର ବ୍ୟକ୍ତି ସ୍ୱତନ୍ତ୍ର ଅତିଥି ଭାବେ ଏହି ସମାରୋହରେ ଯୋଗ ଦେଇଥିଲେ।

## ମହାକୁମ୍ଭ- ନରେନ୍ଦ୍ର ମୋଦୀ ଆପ୍

ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ଆଜି ୧୪ତମ ଦିନରେ ପହଁଞ୍ଚିଛି। ଶ୍ରଦ୍ଧାଳୁମାନେ ରୀତିନୀତି ସମ୍ପନ୍ନ କରିବା ପରେ ମେଳା ଅଞ୍ଚଳରେ ସ୍ଥାପିତ ବିଭିନ୍ନ ପ୍ରଦର୍ଶନୀ ଏବଂ ପାଭାଲିଅନ୍ ପରିଦର୍ଶନ କରିଛନ୍ତି। ପାଭିଲିୟନରେ 'ନମୋ ଆପ୍' ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଆମ ସମ୍ବାଦଦାତା ଜଣାଇଛନ୍ତି, ପ୍ରଦର୍ଶନୀରେ ନରେନ୍ଦ୍ର ମୋଦୀ ଆପ୍‌ର ବିଭିନ୍ନ ବୈଶିଷ୍ଟ୍ୟ ଏବଂ ଉପାଦେୟତାକୁ ପ୍ରଦର୍ଶନ କରାଯାଇଛି। ଏହି ଆପ୍‌କୁ କିପରି ଡାଉନ୍‌ଲୋଡ୍ କରାଯାଇ ବ୍ୟବହାର କରାଯିବ, ସେ ବିଷୟରେ ବ୍ୟାଖ୍ୟା କରାଯାଇଛି। ଏଥିସହିତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଜୀବନୀ ଏବଂ ତାଙ୍କର ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକ ଉପରେ ଆଧାରିତ ଚିତ୍ରଗୁଡ଼ିକ ମଧ୍ୟ ଗ୍ୟାଲେରୀରେ ପ୍ରଦର୍ଶିତ ହୋଇଛି। ପରିଦର୍ଶକମାନେ ଏହି ଆପ୍ ଜରିଆରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଜାଣିପାରିବେ ବୋଲି ନରେନ୍ଦ୍ର ମୋଦୀ ଆପ୍ ପ୍ରଦର୍ଶନୀର ପ୍ରଭାରୀ ପୁଣ୍ଡ୍ରିକ ମିଶ୍ର କହିଛନ୍ତି ।

# ଓଡ଼ିଶା ରିପ୍ଲବିକ୍ ଡେ'

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ସୁରକ୍ଷା ବାହିନୀ, ଏନ୍‌ସିସି କ୍ୟାଡେଟ୍ ଏବଂ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ଓ କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

କଟକ ସହରରେ ଆୟୋଜିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ଉତ୍ତୋଳନ କରି କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆସନ୍ତା ୫ ବର୍ଷ ମଧ୍ୟରେ ଓଡ଼ିଶାରେ ଭିତ୍ତିଭୂମି ବିକାଶର ସୁବର୍ଣ୍ଣ ସମୟ ଉପଲବ୍ଧ ହେବ। ଗ୍ରାମାଞ୍ଚଳର ବିକାଶ ଉଦ୍ଦେଶ୍ୟରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଅଭିଯାନରେ ଆସନ୍ତା ୫ ବର୍ଷ ମଧ୍ୟରେ ୫ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଆସନ୍ତା ଫେବୃଆରୀ ମାସରୁ ଆୟୁଷ୍ମାନ ଭାରତ ଯୋଜନାରେ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ।

# ମହାକୁମ୍ଭ-ରିପବ୍ଲିକ୍ ଡେ

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆଜି ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ଭବ୍ୟ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହେଉଛି । ମୁଖ୍ୟ କାର୍ଯ୍ୟକ୍ରମ ଗଙ୍ଗା ମଣ୍ଡପଠାରେ ଆୟୋଜିତ

ହେଉଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଶ୍ରଦ୍ଧାଳୁ ଆଧ୍ୟାତ୍ମିକତା, ଭାରତୀୟ ସଂସ୍କୃତି ଏବଂ ଦେଶ ପ୍ରେମର ସମ୍ମିଳିତ ଭାବନାର ଅନୁଭବ କରିବେ । ମହାକୁମ୍ଭରେ ଗଙ୍ଗା, ଯମୁନା, ସରସ୍ୱତୀ ଓ ତ୍ରିବେଣୀ ଭଳି ୪ଟି ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉତ୍ତରପ୍ରଦେଶ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ଡ୍ରୋନ୍ ଶୋ'ର ଆୟୋଜନ କରାଯାଇଛି ।

## ପଦ୍ମ ପୁରସ୍କାର

ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୩୯ ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଏଥିରେ ୭ଟି ପଦ୍ମ ବିଭୂଷଣ, ୧୯ଟି ପଦ୍ମ ଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି । ପ୍ରବାସୀ ଭାରତୀୟ, ବିଦେଶୀ ଆଦି ବିଭିନ୍ନ ବର୍ଗର ୧୦ ଜଣ ଏବଂ ମରଣୋତ୍ତର ଭାବେ ୧୩ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ବିଶିଷ୍ଟ ଲେଖକ ଏମ୍.ଟି. ବାସୁଦେବନ ନାୟାର୍, ସୁଜୁକି ମୋଟର୍ସ କର୍ପୋରେସନ୍ର ପୂର୍ବତନ ଚେୟାର୍‌ମ୍ୟାନ୍ ଓସାମୁ ସୁଜୁକି ଏବଂ ଗାୟିକା ସାରଦା ସିହ୍ନାଙ୍କୁ ମରଣୋତ୍ତର ଭାବେ ପଦ୍ମବିଭୂଷଣ ସମ୍ମାନ ପ୍ରଦାନ କରାଯିବ । କଣ୍ଠଶିଳ୍ପୀ ପଙ୍କଜ ଉଧାସ, ଅର୍ଥନୀତିଜ୍ଞ ବିବେକ ଦେବରାୟଙ୍କୁ ମରଣୋତ୍ତର ଭାବେ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯିବ । ହକି ଖେଳାଳି ପି.ଆର୍. ଶ୍ରୀଜେଶଙ୍କୁ ପଦ୍ମଭୂଷଣ ସମ୍ମାନ ପାଇଁ ମନୋନୀତ କରାଯାଇଛି । କ୍ରିକେଟ୍ ଖେଳାଳି ଆର୍. ଅଶ୍ୱିନୀ ଏବଂ ଫୁଟବଲ୍ ଖେଳାଳି ଆଇ.ଏମ୍. ବିଜୟନ୍‌ଙ୍କୁ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ କରାଯାଇଛି ।

ଓଡ଼ିଶାରୁ ଡାକ୍ତର ଅଶୋକ କୁମାର ମହାପାତ୍ର, ଅଦ୍ୱୈତ ଚରଣ ଗଡ଼ନାୟକ, ଦୁର୍ଗାଚରଣ ରଣବୀର ଏବଂ ପ୍ରତିଭା ଶତପଥୀ ପଦ୍ମଶ୍ରୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଜାମ୍ମୁ-କାଶ୍ମୀରର ରିପବ୍ଲିକ୍ ଡେ'

ଜାମ୍ମୁ-କାଶ୍ମୀରରେ ପାରମ୍ପରିକ ଉତ୍ସାହ ଓ ଉଲ୍ଲାସ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ଆଜି ଗଣତନ୍ତ୍ର ଦିବସ ପାଳନ ହୋଇଛି। ଶ୍ରୀନଗର ବକ୍ସି ଷ୍ଟାଡିୟମ୍‌ରେ ଆୟୋଜିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର କୁମାର ଚୌଧୁରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେଡ୍ ଅଭିବାଦନ ଗ୍ରହଣ କରି ଶ୍ରୀ ଚୌଧୁରୀ କହିଥିଲେ, ଜାମ୍ମୁ-କାଶ୍ମୀର ଭାରତର ମୁକୁଟ ହୋଇ ରହିଛି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ସରକାର ଅଞ୍ଚଳର ପ୍ରଗତି ଓ ବିକାଶ କାର୍ଯ୍ୟକୁ ଉତ୍ସାହର ସହ ଆଗେଇ ନେଉଛନ୍ତି। ଶେଖ୍ ମହମ୍ମଦ ଅବଦୁଲ୍ଲା ଏବଂ ଅନ୍ୟ ସ୍ଥାନୀୟ ନେତାଙ୍କ ଅବଦାନକୁ ପ୍ରଶଂସା କରି ଉପମୁଖ୍ୟମନ୍ତ୍ରୀ କହିଥିଲେ, ଏମାନଙ୍କ କଠିନ ସଂଘର୍ଷ ଓ ବଳିଦାନ ଯୋଗୁଁ ଜମ୍ମୁ-କାଶ୍ମୀରରେ ଗଣତନ୍ତ୍ର ସୁଦୃଢ଼ ହୋଇଛି।

କାର୍ଯ୍ୟକ୍ରମରେ ଜାମ୍ମୁ-କାଶ୍ମୀର ପୁଲିସ, ସି.ଆର୍.ପି.ଏଫ୍., ବି.ଏସ୍.ଏଫ୍., ଆଇ.ଟି.ବି.ପି., ଏସ୍.ଏସ୍.ବି., ଏନ୍.ସି.ସି. କ୍ୟାଡେଟ୍ ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶ୍ରୀନଗର ଏବଂ

କାଶ୍ମୀର ଅଞ୍ଚଳର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଗଣତନ୍ତ୍ର ଦିବସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ପାଳନ ହୋଇଛି ।

## ନାଗାଲାଣ୍ଡ ସିଏମ୍‌ଏମ୍‌ଓ ଲଞ୍ଚ

ନାଗାଲାଣ୍ଡର ସଚିବାଳୟ ପ୍ଲାଜା କୋହିମାରେ ପାଳିତ ୭୬ତମ ଗଣତନ୍ତ୍ର ଦିବସ ସମାରୋହ ଅବସରରେ ରାଜ୍ୟପାଳ ଲା.ଗଣେଶନ୍ ଆଜି ମୁଖ୍ୟମନ୍ତ୍ରୀଙ୍କ ମୋବାଇଲ୍ ଅପରେସନ୍ ଥିଏଟର– ସିଏମ୍‌ଏମ୍‌ଓର ଶୁଭାରମ୍ଭ କରିଛନ୍ତି । ରାଜ୍ୟର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଗମ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ରହିଛି । ସ୍ୱାସ୍ଥ୍ୟସେବା ସୁବିଧାରୁ ବଞ୍ଚିତ ଥିବା ସମ୍ପ୍ରଦାୟଗୁଡ଼ିକୁ ଉନ୍ନତ ଶୈଲ୍ୟ ଚିକିତ୍ସା ଏବଂ ଚିକିତ୍ସା ସେବା ପ୍ରଦାନ ପାଇଁ ଏହି ମୋବାଇଲ୍ ଅପରେସନ୍ ଥିଏଟରର ଡିଜାଇନ କରାଯାଇଛି । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏହି ମୋବାଇଲ ଅପରେସନ୍ ୟୁନିଟ୍ ସ୍ୱାସ୍ଥ୍ୟସେବାର ଅସମାନତାକୁ ହ୍ରାସ କରିବା ସହ ରାଜ୍ୟର ଅନୁନ୍ନତ ଅଞ୍ଚଳରେ ସ୍ୱାସ୍ଥ୍ୟ ସମାନତାକୁ ପ୍ରୋତ୍ସାହିତ କରିବ ।

## ବିଏସ୍‌ଏଫ୍ ନ୍ୟାସନାଲ୍ ଫ୍ଲାଗ୍

ସାଧାରଣତନ୍ତ୍ର ଦିବସ ଅବସରରେ ଅଟ୍ଟାରି ସୀମାରେ ଥିବା ଐତିହାସିକ ଯୁଗ୍ମ ଚେକ୍ ପୋଷ୍ଟରେ ଆଜି ସୀମା ସୁରକ୍ଷା ବଳ– ବିଏସ୍‌ଏଫ୍ ଜାତୀୟ ପତାକା ଉତ୍ତୋଳନ କରିଛି । ବିଏସ୍‌ଏଫ୍ କମାଣ୍ଡାଣ୍ଟ ଏଚ୍.ଏନ୍.ଯୋଶୀ ସମରୋହାରେ ଉପସ୍ଥିତ ଯବାନମାନଙ୍କ ସହ ତ୍ରିରଙ୍ଗାକୁ ଅଭିବାଦନ ଜଣାଇଥିଲେ ।

ବିଏସ୍‌ଏଫ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ ସତୀଶ ଖଣ୍ଡାରେ ପଞ୍ଜାବ ଫ୍ରଣ୍ଟିୟର୍ ଆଇ.ଜି. ଡକ୍ଟର ଅତୁଲ ଫୁଲଜେଲେଙ୍କ ସହ ଅମିତ ସାରସ୍ଥିତ ଏୟାର ବେଶ୍‌ରେ ତ୍ରିରଙ୍ଗା ଉତ୍ତୋଳନ କରିବା ସହ ଯବାନମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସାମରିକ ଅଧିକାରୀମାନେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଯବାନମାନଙ୍କ ଅତୁଟ ପ୍ରତିବଦ୍ଧତାକୁ ଦୋହରାଇବା ସହିତ ପ୍ରତ୍ୟେକ ଭାରତୀୟଙ୍କୁ ଯେକୌଣସି ମୂଲ୍ୟ ଦେଇ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲା।

## ଅଷ୍ଟ୍ରେଲିଆନ୍ ଓପନ୍

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍‌ରେ ଶୀର୍ଷ ମାନ୍ୟତା ପ୍ରାପ୍ତ ଯୋଡ଼ି ଆମେରିକାର ଟେଲର ଟାଉନ୍‌ସେଣ୍ଟ ଏବଂ ଚେକ୍ ଖେଳାଳି କାଟେସିନା ସିନିଆକୋଭା ଆଜି ମେଲବୋର୍ଣ୍ଣ ପାର୍କର ଆଇକନିକ୍ ରଡ୍ ଲେବର ଏରେନାରେ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ତୃତୀୟ ମାନ୍ୟତାପ୍ରାପ୍ତ ଲାଟିଭିଆର ଜେନା ଓଷ୍ଟୋପେଙ୍କୋ ଓ ତାଇୱାନ୍‌ର ସୁ ଉଏଇଙ୍କୁ ୬-୨, ୬-୭, ୬-୩ରେ ପରାସ୍ତ କରିଥିଲେ।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗିଲ୍‌ସ ଫାଇନାଲରେ ଇଟାଲୀର ଜାନିକ ସିନର ଆଜି ଅପରାହ୍ନ ୨ଟାରେ ଜର୍ମାନୀର ଆଲେକ୍ସଜାଣ୍ଡର ଜେଭ୍‌ରେଭ୍‌ଙ୍କୁ ଭେଟିବେ।

## କ୍ରିକେଟ୍ ଅଣ୍ଡର ନାଇଣ୍ଟିନ୍

ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା କ୍ରିକେଟ୍ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ଭାରତ-ବାଂଲାଦେଶ ମଧ୍ୟରେ ମୁକାବିଲା ଚାଲିଛି । ମାଲେସିଆର କ୍ୱାଲାଲମ୍ପୁରସ୍ଥିତ ଓଭାଲ ଷ୍ଟାଡିୟମ୍‌ରେ ମଧ୍ୟାହ୍ନରେ ଆରମ୍ଭ

ହୋଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ଅଧିନାୟକ ନିକି ପ୍ରସାଦ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ବାଂଲାଦେଶ ୧୧ ଓଭର ବିନିମୟରେ ୪୩ ରନ୍ କରି ୪ଟି ୱିକେଟ୍ ହରାଇଛି।